
# ଦିବ୍ୟ ଜୀବନର କେନ୍ଦ୍ରୀୟ ସତ୍ୟ

ପି.ପୁଷ୍ପାଞ୍ଜଳୀ



ଦିବ୍ୟ ଜୀବନର କେନ୍ଦ୍ରୀୟ ସତ୍ୟ ହେଉଛି ଚେତନା। ଚେତନାର ସଂଜ୍ଞା:  ଅଜ୍ଞାନତା ଜଗତରେ ବହୁବିଧ ପ୍ରଚେଷ୍ଟା ଏବଂ ଜ୍ଞାନ ଜଗତରେ ସ୍ବାଭାବିକ ଶକ୍ତିର ଅଭ୍ଯୁଦୟକୁ ଚେତନା କୁହାଯାଏ।

ଦିବ୍ୟ ଜୀବନର ପ୍ରଧାନ ସୂତ୍ର ହେଲା-All life is evolution of consciousness.

ଅର୍ଥାତ - ସମଗ୍ର ଅନନ୍ତ ଜୀବନ ଚେତନାର ନିତ୍ୟ ବିବର୍ତ୍ତନ। ଅର୍ଥାତ - ସମଗ୍ର ଅନନ୍ତ ଜୀବନର ସମଗ୍ର ସମୟ ଏକ ନିରନ୍ତର ଚେତନାର ବିବର୍ତ୍ତନ।ଯେଉଁଠି ଆମର ଏହି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ସମୟଟି ଏହାର ଏକ ଛୋଟିଆ ଅଂଶ ବିଶେଷ।

ବୃତ୍ତର ପରିସୀମାକୁ ପାଇବାକୁ ହେଲେ ପ୍ରଥମେ ତାର କେନ୍ଦ୍ର ବିନ୍ଦୁକୁ ନିରୂପଣ କରିବାକୁ ହେବ। ଦିବ୍ୟ ଜୀବନର ଲକ୍ଷ ହେଲା ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ବୃତ୍ତକୁ ପାଇବାକୁ ହେଲେ ଆମକୁ ତାର କେନ୍ଦ୍ରୀୟ ସତ୍ୟ, ଚେତନାକୁ ଗତିଶୀଳ କରେଇବାକୁ ହେବ।

One Supreme Divine Mother consciousness Aditi is that which rests on the one and acts on the all.

ଅର୍ଥାତ -ପରମ ମାତୃ ଚେତନା ପରମଙ୍କ ମଧ୍ୟରେ ଆଶ୍ରିତ ହୋଇ ସମଗ୍ର ଜଗତରେ କ୍ରିଆଶୀଳ ହୁଅନ୍ତି। ଅତିମାନସ ଜଗତରେ ପରମା ଦିବ୍ୟ ଜନନୀ Creatrix Mother ବା ସୃଷ୍ଟିକାରିଣୀ ମାତା, ମଧ୍ୟବର୍ତ୍ତୀ ଜଗତରେ Mediatrix Mother ବା ଆଧ୍ୟାତ୍ମିକ ମାତା ଏବଂ ଚୈତ୍ୟ ଜଗତରେ Exicutrix Mother ବା କାର୍ଯ୍ୟକାରିଣୀ ମାତା ଭାବେ ପରିଚିତ।

ମଧ୍ୟବର୍ତ୍ତୀ ଜଗତର ଏହି ଆଧ୍ୟାତ୍ମିକ ମାତା ଏବଂ ଚୈତ୍ୟ ଜଗତର କାର୍ଯ୍ୟକାରିଣୀ ମାତାଙ୍କର ୪ଗୋଟି ବୈଭବ ରହିଛି ସେଗୁଡ଼ିକୁ ହେଲା :-

(1) Consciousness of truth

(2) Consciousness of power

(3) Consciousness of love

(4) Consciousness of will

ଏହି ମଧ୍ୟବର୍ତ୍ତୀ ଚେତନା ମନ ଜଗତରେ ବହୁବିଧ ପ୍ରଚେଷ୍ଟାରେ ପରିଣତ ହୋଇଛି।

ବହୁବିଧ ପ୍ରଚେଷ୍ଟା ୧୨ ଭାଗରେ ବିଭକ୍ତ, ସେଗୁଡ଼ିକୁ ହେଲା -

ସୃଷ୍ଟିର ସକଳ ସମସ୍ୟା ହେଉଛି ସଂଗତିର ସମସ୍ୟା।

ସୃଷ୍ଟିର ସକଳ ସଂଗତିର ସମସ୍ୟା ହେଉଛି ଧର୍ମର ସମସ୍ୟା।

ସକଳ ଧର୍ମର ସମସ୍ୟା ହେଉଛି ସତ୍ୟ ଓ ଅସତ୍ୟକୁ ବାରିପାରିବାର ସମସ୍ୟା।

ସକଳ ବାରିପାରିବାର ସମସ୍ୟା ହେଉଛି ଶ୍ରଦ୍ଧାର ସମସ୍ୟା।

ସକଳ ଶ୍ରଦ୍ଧାର ସମସ୍ୟା ହେଉଛି ନିଷ୍ଠାର ସମସ୍ୟା।

ସକଳ ନିଷ୍ଠାର ସମସ୍ୟା ହେଉଛି ସଂଯମର ସମସ୍ୟା।

ସକଳ ସଂଯମର ସମସ୍ୟା ହେଉଛି ସୁଦ୍ଧତାର ସମସ୍ୟା।

ସକଳ ସଂଯମ ଏବଂ ସୁଦ୍ଧତାର ସମସ୍ୟା ହେଉଛି ସମର୍ପଣର ସମସ୍ୟା।

ସକଳ ସମର୍ପଣର ସମସ୍ୟା ହେଉଛି ସମତାର ସମସ୍ୟା ।

ସକଳ ସମତାର ସମସ୍ୟା ହେଉଛି ତ୍ୟାଗ ଏବଂ ପ୍ରତ୍ୟାଖ୍ୟାନ ସମସ୍ୟା।

ନିରନ୍ତର ତ୍ୟାଗ କିମ୍ବା ପ୍ରତ୍ୟାଖ୍ୟାନ ଦ୍ବାରା ଜଣେ ସମତା ଅବସ୍ତାକୁ ଯାଇପାରେ।

ସମତା ଅବସ୍ଥାରେ ୩ ଗୁଣ ମାନଙ୍କର ପରିସମାପ୍ତି ଘଟେ।

ସମତା ବୃଦ୍ଧି ହେଲେ ସମର୍ପଣ ବୃଦ୍ଧି ହୁଏ।

ସମର୍ପଣ ଦୁଇ ପ୍ରକାରର :-

(1)ପୁରୁଷ ଯଜ୍ଞ

(2)ପ୍ରକୃତି ଯଜ୍ଞ

ପୁରୁଷ ଯଜ୍ଞ ଦ୍ବାରା ଭଗବାନଙ୍କ ସହିତ ମିଳନ ହୁଏ।

ପ୍ରକୃତି ଯଜ୍ଞ ଦ୍ବାରା ଦିବ୍ୟ ଜନନୀଙ୍କ ସହିତ ମିଳନ ହୁଏ।

ଭଗବାନଙ୍କ ସହିତ ମିଳନ ହେଲେ ଶୁଦ୍ଧତା ଏବଂ ଏକାଗ୍ରତା ଶକ୍ତି ବୃଦ୍ଧି ପାଏ।

ସଂଯମ ଶକ୍ତି ବୃଦ୍ଧି ହେଲେ ନିଷ୍ଠା ବୃଦ୍ଧି ପାଏ।

ନିଷ୍ଠା ବୃଦ୍ଧି ହେଲେ ଶ୍ରଦ୍ଧା ଜାତ ହୁଏ।

ଶ୍ରଦ୍ଧା ଦୁଇ  ପ୍ରକାରର :-

1. ବେଦାନ୍ତିକ ( vedantic) ଶ୍ରଦ୍ଧା
2. ବେଦିକ (vedic) ଶ୍ରଦ୍ଧା

ଯେଉଁ ଶ୍ରଦ୍ଧା ଦ୍ବାରା ଆତ୍ମା ଆରୋହଣ କରେ ତାହାକୁ ବେଦାନ୍ତିକ ଶ୍ରଦ୍ଧା କୁହାଯାଏ।

ଯେଉଁ ଶ୍ରଦ୍ଧା ଦ୍ବାରା ଶକ୍ତି ଅବତରଣ କରେ ତାହାକୁ ବେଦିକ ଶ୍ରଦ୍ଧା କୁହାଯାଏ।

ଶ୍ରଦ୍ଧା ବୃଦ୍ଧି ହେଲେ ସତ୍ୟ ଓ ଅସତ୍ୟକୁ ବାରିପାରିବାର ସାମର୍ଥ୍ଯ ବଢେ।

ବାରିପାରିବାର ସାମର୍ଥ୍ଯ ଦ୍ବାରା ଧର୍ମ ଜନ୍ମ ନିଏ।ଯାହାକି ଭଗବାନଙ୍କର ବିଧାନ।ଏହି ବିଧାନକୁ ମାନିବା ଦ୍ବାରା ସଂଗତି ସୃଷ୍ଟି ହୁଏ।

ଦିବ୍ୟ ଜୀବନର ଲକ୍ଷ୍ଯ ହେଲା ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା। ଏହା ଚେତନାକୁ ମନ,ଆଧ୍ୟାତ୍ମିକ ଏବଂ ବିଜ୍ଞାନ ଜଗତରେ

ଗତିଶୀଳ କରାଇବା ଦ୍ବାରା ଜଣେ ପୂର୍ଣ୍ଣତାକୁ ପ୍ରାପ୍ତ ହୁଏ। ଏହି ପୂର୍ଣ୍ଣତା ତିନି ଭାଗରେ ବିଭକ୍ତ :-

1. ଆତ୍ମାର ପୂର୍ଣ୍ଣତା
2. ପ୍ରକୃତିର ପୂର୍ଣ୍ଣତା
3. ଜୀବନର ପୂର୍ଣ୍ଣତା

ଆତ୍ମା ଚାରି ଭାଗରେ ବିଭକ୍ତ :-

(1) ସଚ୍ଚିଦାନନ୍ଦ ଜଗତରେ ସେ ସତ୍

(2 )ବିଜ୍ଞାନମୟ ଜଗତରେ ସେ ବ୍ରହ୍ମନ୍

(3) ଜ୍ଞାନ କିମ୍ବା ଆଧ୍ୟାତ୍ମିକ ଜଗତରେ ସେ ହେଲେ ଈଶ୍ୱର

(4 )ଅଜ୍ଞାନତା ଜଗତରେ ସେ ହେଲେ ପୁରୁଷ

ସେହିଭଳି ପ୍ରକୃତି ୪ ଭାଗରେ ବିଭକ୍ତ :-

1. ସଚ୍ଚିଦାନନ୍ଦ ଜଗତରେ ସେ ହେଲେ ଚିତ୍ ଶକ୍ତି
2. ବିଜ୍ଞାନମୟ ଜଗତରେ ସେ ହେଲେ ମାୟା
3. ଜ୍ଞାନ କିମ୍ବା ଆଧ୍ୟାତ୍ମିକ ଜଗତରେ ସେ ହେଲେ ଈଶ୍ୱରୀ ବା ଶକ୍ତି
4. ଅଜ୍ଞାନତା ଜଗତରେ ସେ ହେଲେ ଅପରାପ୍ରକୃତି

ଜୀବନର ପୂର୍ଣ୍ଣତା ସଚ୍ଚିଦାନନ୍ଦ ଜଗତରେ ସତ୍ ଏବଂ ଚିତ୍ ଙ୍କର ମିଳନ,ବିଜ୍ଞାନମୟ ଜଗତରେ ବ୍ରହ୍ମନ୍ ଏବଂ ମାୟାଙ୍କର ମିଳନ,ଜ୍ଞାନ କିମ୍ବା ଆଧ୍ୟାତ୍ମିକ ଜଗତରେ ଈଶ୍ୱର ଶକ୍ତିଙ୍କର ମିଳନ ଏବଂ ଅଜ୍ଞାନତା ଜଗତରେ ପୁରୁଷ ଏବଂ ଅପରାପ୍ରକୃତିର ମିଳନ।

ଜୀବନରେ ପୂର୍ଣ୍ଣତାର ଆଉ ଚାରିଟି ଦିଗ ହେଲା :-

1. ଆତ୍ମା ସହିତ ପରମାତ୍ମାଙ୍କ ମିଳନ
2. ଆତ୍ମା ସହିତ ପରାପ୍ରକୃତିର ମିଳନ
3. ପରମାତ୍ମାଙ୍କ ସହିତ ପରାପ୍ରକୃତିର ମିଳନ
4. ପରାପ୍ରକୃତି ସହ ଅପରାପ୍ରକୃତିର ମିଳନ

ଚେତନାର ସ୍ଥିତିଜ ଅବସ୍ଥାକୁ ଆତ୍ମା କୁହାଯାଏ।

ଚେତନାର ଗତିଶୀଳ ଅବସ୍ଥାକୁ ପ୍ରକୃତି ବା ଶକ୍ତି କୁହାଯାଏ।


ଚେତନାକୁ ଗତିଶୀଳ କରାଇବା ଦ୍ବାରା ଆତ୍ମା,ପ୍ରକୃତି ଏବଂ ଜୀବନରେ ପୂର୍ଣ୍ଣତା ଆସେ। ଏହି ପୂର୍ଣ୍ଣତା ୬ ଭାଗରେ ବିଭକ୍ତ।

ଏହି ୬ଟି ପୂର୍ଣ୍ଣତା ହେଲା :-

1. Perfection of static Divine consciousness
2. Perfection of power of consciousness
3. Perfection of mental consciousness
4. Perfection of dynamic Divine Consciousness
5. Perfection of physical consciousness
6. Perfection of consciousness of Divine will

ଓମ୍ ତତ୍ ସତ୍





# Mind Map of Central Truth of Divine Life




**The central circle represents One Supreme Mother Consciousness. The four petals represent the four Overmental Mother Consciousness. The twelve petals represent the twelve elements of Consciousness indispensable for perfection of Divine Life. The Circumference around the twelve petals represent perfection of Divine Life. The Six petals represent 6X4=24 Self-perfections of Divine Life.**

**The above mind map drew inspiration from The Mother's symbol: The central circle represents the Divine Consciousness. The four petals represent the four powers of the Mother.**
**1: Maheswari symbolizes Consciousness of Truth, 2: Mahakali symbolizes Consciouness of Power, 3: Mahalakshmi symbolizes Consciousness of Love, Beauty and Delight.4: Mahasaraswati symbolizes Consciousness of Will.**

**The twelve petals represent the twelve powers of the Mother manifested for Her Work.**

ଶ୍ରୀ ମାତୃନିକେତନ ଆଶ୍ରମ ଶ୍ରୀ ଅରବିନ୍ଦ କେନ୍ଦ୍ର,
Managed by The Mother’s International Centre Trust,
Regd.No-146/24.11.97. ଗ୍ରାମ: ରାମଚନ୍ଦ୍ରପୁର, ସା: କୁକୁଡାଖଣ୍ଡି-୭୬୧୧୦୦
Via: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ଭାରତ
https://www.srimatriniketanashram.com
https://www.srimatriniketanashram.com/odia-section